# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 29 May - 2025

********************************

## ମୁଖ୍ୟ ସମ୍ବାଦ

- କୃଷି ହେଉଛି ଭାରତର ଅର୍ଥନୀତିର ମେରୁଦଣ୍ଡ ଏବଂ କୃଷକମାନେ ଏହାର ଆତ୍ମା– ବିକଶିତ କୃଷି ସଂକଳ୍ପ ଅଭିଯାନର ଶୁଭାରମ୍ଭ କରି କହିଲେ କେନ୍ଦ୍ର କୃଷି ମନ୍ତ୍ରୀ
- ଗ୍ରାମୀଣ ମହିଳାଙ୍କର ସ୍ଥାୟୀ ବିକାଶର ରଣନୀତି ପାଲଟିଛି ଲକ୍ଷପତି ଦିଦି ଯୋଜନା; କହିଲେ ମୁଖ୍ୟମନ୍ତ୍ରୀ
- କୃତ୍ରିମ ବୁଦ୍ଧିମତା ଆଧାରିତ ନୀତି ପ୍ରବର୍ତ୍ତନରେ ଓଡ଼ିଶା ହେଲା ଦେଶର ପ୍ରଥମ ରାଜ୍ୟ

ଏବଂ

- ଶୀତଳଷଷ୍ଠୀ ଯାତ୍ରାକୁ ନେଇ ସମ୍ବଲପୁର ସହର ଚଳଚଞ୍ଚଳ

*Desk*

# କୃଷି ସଂକଳ୍ପ ଅଭିଯାନ

କୃଷି ବୈଜ୍ଞାନିକମାନେ ପରୀକ୍ଷଣ କେନ୍ଦ୍ରରୁ ବାହାରି ଗ୍ରାମାଞ୍ଚଳର ଚାଷୀଙ୍କୁ ସହଯୋଗ କରିବେ ବୋଲି କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ କହିଛନ୍ତି। କେନ୍ଦ୍ର ସରକାରଙ୍କର ବିକଶିତ କୃଷି ସଂକଳ୍ପ ଅଭିଯାନକୁ ଆଜି ପୁରୀର ସାକ୍ଷୀଗୋପାଳଠାରେ ଶୁଭାରମ୍ଭ କରି ଶ୍ରୀ ଚୌହ୍ୱାନ କହିଛନ୍ତି, କୃଷି ଭାରତୀୟ ଅର୍ଥନୀତି ମେରୁଦଣ୍ଡ ଓ କୃଷକମାନେ ଏହାର ଆତ୍ମା। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କୃଷକମାନଙ୍କୁ ବୈଜ୍ଞାନିକମାନଙ୍କ ସହ ସିଧାସଳଖ ଆଲୋଚନାରେ ଭାଗ ନେବା ପାଇଁ ଆହ୍ୱାନ ଦେଇଛନ୍ତି। କୃଷି ବୈଜ୍ଞାନିକଙ୍କ ସହ ଚାଷୀ ଭାଇଭଉଣୀମାନେ ସିଧାସଳଖ ଆଲୋଚନା କଲେ ସ୍ମାର୍ଟ କୃଷିକୁ ପ୍ରୋତ୍ସାହିତ କରି କୃଷି ଅର୍ଥନୀତିକୁ ତ୍ୱରାନ୍ୱିତ କରାଯାଇପାରିବ ବୋଲି ମନ୍ତ୍ରୀ ଶ୍ରୀ ଚୌହ୍ୱାନ ଉଦ୍‌ବୋଧନ ଦେଇଛନ୍ତି।

**- V/O -**

କେନ୍ଦ୍ର କୃଷି ମନ୍ତ୍ରୀ ଆଜି ସକାଳେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। କୃଷିରଥର ମଧ୍ୟ ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ବିଧାୟକ ଓମ୍ ପ୍ରକାଶ ମିଶ୍ରଙ୍କ ସମେତ କୃଷି ବିଭାଗର

ଉଚ୍ଚପଦସ୍ଥ ଅଧିକାରୀ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗଦେବା ପୂର୍ବରୁ ମନ୍ତ୍ରୀ ଶ୍ରୀ ଚୌହ୍ୱାନ ଏକ ତ୍ରିରଙ୍ଗା ପଦଯାତ୍ରାରେ ସାମିଲ ହୋଇ ସଭାସ୍ଥଳକୁ ଆସିଥିଲେ। ଏହାପରେ 'ଏକ ପେଡ଼ ମା' କେ ନାମ୍' ଅଭିଯାନ ଅଧୀନ ଚାରାରୋପଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

ସୂଚନାଯୋଗ୍ୟ, ଆସନ୍ତା ଜୁନ୍ ମାସ ୧୨ ତାରିଖ ପର୍ଯ୍ୟନ୍ତ କୃଷି ସଂକଳ୍ପଯାତ୍ରା ସଂପର୍କିତ କାର୍ଯ୍ୟକ୍ରମ ଦେଶର ୨୦ଟି ରାଜ୍ୟର ୭୦୦ଟି ଜିଲ୍ଲାରେ ଜାରି ରହିବ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ଚୌହ୍ୱାନ ସମ୍ପୃକ୍ତ ରାଜ୍ୟଗୁଡ଼ିକୁ ଗସ୍ତ କରିବାର କାର୍ଯ୍ୟସୂଚୀ ରହିଛି।

***Ganjam***

## କୃଷି ସଂକଳ୍ପ ଅଭିଯାନ

ଗଞ୍ଜାମ ଜିଲ୍ଲା ସଦର ମହକୁମା ଛତ୍ରପୁରଠାରେ ବିକଶିତ କୃଷି ସଂକଳ୍ପ ଅଭିଯାନ ଶୀର୍ଷକ ଦୁଇଟି ରଥକୁ ବାଣିଜ୍ୟ, ପରିବହନ ଓ ଖଣି ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ସାଂସଦ ପ୍ରଦୀପ ପାଣିଗ୍ରାହୀ, ଆସିକା ସାଂସଦ ଅନିତା ଶୁଭଦର୍ଶିନୀ, ସ୍ଥାନୀୟ ବିଧାୟକ ଗଣ, ଜିଲ୍ଲାପାଳ ଓ ଜିଲ୍ଲାସ୍ତରୀୟ ପଦାଧିକାରୀ ଉପସ୍ଥିତ ଥିଲେ।

***Desk***

# ଲକ୍ଷପତି ଦିଦି ସମ୍ମିଳନୀ

ଲକ୍ଷପତି ଦିଦି ଯୋଜନା ଏକ ଜନକଲ୍ୟାଣକାରୀ, ସମାବେଶୀ ଓ ଗ୍ରାମୀଣ ମହିଳାଙ୍କ ସ୍ଥାୟୀ ବିକାଶର ରଣନୀତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।  ଭୁବନେଶ୍ୱର ଲୋକସେବା ଭବନରେ ଆଜି ମିଶନ ଶକ୍ତି ବିଭାଗ ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀକୁ ଉଦ୍‌ଘାଟନ କରି ଶ୍ରୀ ମାଝୀ କହିଛନ୍ତି, ତୃଣମୂଳସ୍ତରରେ ପରିବର୍ତ୍ତନ ଆଣିବାରେ ଲକ୍ଷପତିଦିଦିଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଗ୍ରାମୀଣ ମହିଳା ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହନ ଦେବା ସହ ଦେଶର ମହିଳା ସ୍ୱୟଂ ସହାୟକ ଗୋଷ୍ଠିଗୁଡ଼ିକର ସଫଳତାକୁ ସମର୍ଥନ ଦେବା ଏହି ସମ୍ମିଳନୀରେ ମୂଳ ଉଦ୍ଦେଶ୍ୟ ବୋଲି ଶ୍ରୀ ମାଝୀ କହିଛନ୍ତି।

**- V/O -**

ଏହି ଅବସରରେ ମୁଖ୍ୟମନ୍ତ୍ରୀ ବାର୍ଷିକ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆୟ କରିଥିବା ଲକ୍ଷପତି ଦିଦି ମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ସମ୍ମିଳନୀରେ ଦେଶର ୨୫ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ଲକ୍ଷପତି ଦିଦିଙ୍କ ସମେତ ସରକାରୀ ଅଧିକାରୀ, ଜାତିସଂଘ ପ୍ରତିଷ୍ଠାନ, ଜାତୀୟ ଗ୍ରାମୀଣ ଜୀବିକା ମିଶନ ଏବଂ ବିଭିନ୍ନ ରାଜ୍ୟ ଜୀବିକା ମିଶନର ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ।

***HS***

## କୋଭିଡ୍– ସ୍ୱାସ୍ଥ୍ୟମନ୍ତ୍ରୀ

କୋଭିଡ୍ ପରିସ୍ଥିତି ନେଇ ଭୟଭୀତ ନ ହେବାକୁ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ରାଜ୍ୟବାସୀଙ୍କୁ ପରାମର୍ଶ ଦେଇଛନ୍ତି। ରାଜ୍ୟରେ କୋଭିଡ୍ ପରିସ୍ଥିତି ନେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ବିବୃତି ଉପରେ ଆଲୋକପାତ କରି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି, ସଂକ୍ରମଣ ସ୍ଥିତି ଉପରେ ସରକାର ନଜର ରଖିଛନ୍ତି ଏବଂ ଆବଶ୍ୟକସ୍ଥଳେ ଏଥିପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯିବ। ରାଜ୍ୟରେ ଡେଙ୍ଗୁର ରୋଗର ପ୍ରାର୍ଦୁଭାବକୁ ମଧ୍ୟ ପ୍ରତିହତ କରିବା ଲାଗି ସରକାର ପଦକ୍ଷେପ ନେଉଛନ୍ତି ବୋଲି ସେ କହିଛନ୍ତି।

***Nayagarh***

## ଶ୍ରୀରଘୁନାଥଜୀଉ ମନ୍ଦିର ବୈଠକ

ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଅଧକ୍ଷଙ୍କ କାର୍ଯ୍ୟାଳୟରେ ଶ୍ରୀରଘୁନାଥଜୀଉଙ୍କ ମନ୍ଦିର ସମ୍ପର୍କିତ ସମସ୍ୟାକୁ ନେଇ ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୂଜକ ଓ ସୁଆର ସେବକଙ୍କ ପକ୍ଷରୁ ଦିଆଯାଇଥିବା ବିଭିନ୍ନ ପ୍ରସ୍ତାବ ଉପରେ ଜିଲ୍ଲା ଦେବତ୍ତୋର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର ଆଲୋଚନା କରିଥିଲେ। ପୂଜକ ଓ ସୁଆର ସେବକଙ୍କ ଦୈନିକ ପ୍ରାପ୍ୟ ୧୪୦ ଟଙ୍କାରୁ ୫୦୦ ଟଙ୍କାକୁ ବୃଦ୍ଧି କରାଯିବାକୁ ନିଷ୍ପତ୍ତି ହୋଇଛି। ଏହା ସହ ସିଂହାସନର ରୂପା ଛାଉଣୀ ଏବଂ ଗମ୍ଭୀରା ଶୀତତାପ ନିୟନ୍ତ୍ରିତ ହେବା ନିମନ୍ତେ ସ୍ଥିର ହୋଇଥିବା ଜଣାପଡ଼ିଛି।

*BHK*

## ଶିବ ବିବାହ

ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଆରଡ଼ିର ପ୍ରସିଦ୍ଧ ବାବା ଆଖମଣ୍ଡଳମଣିଙ୍କ ପୀଠରେ ଶିବ ବିବାହ ପାଇଁ ପ୍ରସ୍ତୁତି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଁଞ୍ଚିଛି। ସମସ୍ତ ଦେବାଦେବୀଙ୍କୁ ମଙ୍ଗୁଳା ଗୁଆ ବଣ୍ଟନ କରାଯିବା ସହ ବନ୍ଧୁ ପରିଜନ ଏବଂ ଗ୍ରାମବାସୀଙ୍କୁ ନିମନ୍ତ୍ରଣପତ୍ର ବଣ୍ଟନ କରାଯାଇଛି। ଆସନ୍ତାକାଲି ଦେବଦମ୍ପତିଙ୍କ ମଙ୍ଗଳକୃତ୍ୟ ହେବ। ପରେ ଶନିବାର ଦିନ ବରଧରା ଗମନ, ଶୋଭାଯାତ୍ରା ଅନୁଷ୍ଠିତ ହେବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

*Desk*

## ଶୀତଳ ଷଷ୍ଠୀ

ସମ୍ବଲପୁରରେ ପ୍ରସିଦ୍ଧ ଶୀତଳ ଷଷ୍ଠୀ ଯାତ୍ରାର ପ୍ରାରମ୍ଭରେ  ଗତକାଲି ରାତିରେ ନନ୍ଦପଡ଼ାର ବମ୍‌ବରାଡ଼ ବାଲୁଙ୍କେଶ୍ୱରବାବାଙ୍କ ଗୁଆଗୁଣ୍ଡା ବା ଦେବ ନିମନ୍ତ୍ରଣ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି । ଦେବଦେବ ମହାଦେବଙ୍କ ବିବାହ ପାଇଁ ବିମାନରେ ବିଜେ କରି ନୃସିଂହ ମହାପ୍ରଭୁ ପଟୁଆରରେ ଯାଇ ପଇତା, ଗାମୁଛା, ଗୁଆ, ହଳଦୀ, ମିଠା ଦେଇ ସହରର ବିଭିନ୍ନ ଦେବଦେବୀଙ୍କୁ ନିମନ୍ତ୍ରଣ କରିଛନ୍ତି। ଏହି କ୍ରମରେ ସହରର ଝାଡ୍ରୁଆପଡ଼ା, ମୁଦିପଡ଼ା ଓ ବଡ଼ବଜାର ସମେତ ବିଭିନ୍ନ ପଡ଼ାର ଶୀତଳଷଷ୍ଠୀ ଯାତ୍ରାକମିଟି ମାନଙ୍କର ପତରପେଣ୍ଡି ବା ନିର୍ବନ୍ଧ କାର୍ଯ୍ୟ ଆଜି ସଂପନ୍ନ ହେବ । ଶନିବାର ରାତିରେ ଦେବବିବାହ ଓ ରବିବାର ଦିନ ଯୁଗଳ

ଦର୍ଶନ ଶୋଭାଯାତ୍ରା ଏବଂ ନଗର ପରିକ୍ରମା ସହିତ ସୋମବାର ଅପରାହ୍ନରେ ମହାଦେବ ଓ ମା' ପାର୍ବତୀ ମନ୍ଦିର ପ୍ରତ୍ୟାବର୍ତ୍ତନ କରିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

***HS***

## କୃତ୍ରିମ ବୁଦ୍ଧିମତା– ସ୍ୱାସ୍ଥ୍ୟମନ୍ତ୍ରୀ

କୃତ୍ରିମ ବୁଦ୍ଧିମତା ଆଧାରିତ ନୀତି ପ୍ରବର୍ତ୍ତନ କରିବାରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ବୋଲି ସ୍ୱାସ୍ଥ୍ୟ ଏବଂ ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି। ବଜେଟ୍‌ରେ ଏଥିପାଇଁ ୨୦ କୋଟି ଟଙ୍କା ଅନୁମୋଦନ କରାଯାଇଛି। ରାଜ୍ୟ କ୍ୟାବିନେଟ୍‌ରେ ଗତକାଲି କୃତ୍ରିମ ବୁଦ୍ଧିମତା ନୀତି– ୨୦୨୫ ଅନୁମୋଦନ ପରିପ୍ରେକ୍ଷୀରେ ମନ୍ତ୍ରୀ ଡକ୍ଟର ମହାଲିଙ୍ଗ ଏହା କହିଛନ୍ତି। ଆବଶ୍ୟକ ପଡ଼ିଲେ ଏଥିପାଇଁ ଅଧିକ ଅର୍ଥ ବରାଦ କରାଯିବ ବୋଲି ସେ କହିଛନ୍ତି। ଏ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ବୃଦ୍ଧି ପାଇବ ବୋଲି ଡକ୍ଟର ମହାଲିଙ୍ଗ ଆଶାବ୍ୟକ୍ତ କରିଛନ୍ତି।

***Desk***

## ହୋମଗାର୍ଡଙ୍କ ମୃତ୍ୟୁ

ହୋମଗାର୍ଡ ପଦବୀ ପାଇଁ ଶାରୀରିକ ପରୀକ୍ଷା ସମୟରେ ଗଜପତି ଜିଲ୍ଲାରେ ଜଣେ ପ୍ରାର୍ଥୀଙ୍କର ମୃତ୍ୟୁ ହୋଇଛି। ଅନ୍ୟ ୭ ଜଣ ଗୁରୁତର ଆହତଙ୍କୁ ପାରଳାଖେମୁଣ୍ଡି ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ରାଣିପେଣ୍ଠାରେ ପଦ୍ମପୁର ପର୍ଯ୍ୟନ୍ତ ୨ କିଲୋମିଟର ଦୌଡ଼ ପ୍ରତିଯୋଗିତା ଆଜି ସକାଳୁ ଆରମ୍ଭ ହୋଇଥିଲା। ଏହି ପ୍ରତିଯୋଗୀ ଦୌଡ଼କୁ ସଫଳତାର

ସହ ସମ୍ପନ୍ନ କରିଥିଲେ ମଧ୍ୟ ହଠାତ୍ ସେଠାରେ ପଡ଼ିଯାଇଥିଲେ। ଚିକିତ୍ସା ପାଇଁ ଡାକ୍ତରଖାନା ନିଆଯିବାରୁ ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖପ୍ରକାଶ କରିଛନ୍ତି। ନିକଟ ସମ୍ପର୍କୀୟଙ୍କ ସମବେଦନା ଜ୍ଞାପନ କରିବା ସହ ୪ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି।

***Ganjam***

## ଆଇନ ସଚେତନତା

ଗଞ୍ଜାମ ଜିଲ୍ଲା ଭିକରିପଲ୍ଲୀ ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷରେ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛତ୍ରପୁର ଅତିରିକ୍ତ ଜିଲ୍ଲା ଜଜ୍ ତଥା ତାଲୁକ ଆଇନସେବା କମିଟି ଅଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜାତୀୟ ଆଇନସେବା ପ୍ରାଧିକରଣ ଓ ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ଦ୍ୱାରା ଦିଆଯାଇଥିବା ବିଭିନ୍ନ ପ୍ରକାର ମାଗଣା ଆଇନସେବା ସମ୍ବନ୍ଧରେ ପଞ୍ଚାୟତର ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ସମ୍ମିଳନୀରେ ଜାତୀୟ ଆଇନସେବା ପ୍ରାଧିକରଣ ଦ୍ୱାରା ସହାୟତା ନମ୍ବର-୧୫୧୦୦ ଏବଂ ଅନଲାଇନ୍ ଜରିଆରେ ଆଇନସେବା ଦରଖାସ୍ତ ଫର୍ମ ଦାଖଲ ସମ୍ବନ୍ଧରେ ସଚେତନ କରାଯାଇଥିଲା।

***Desk***

## +୨ ଇନ୍‌ଷ୍ଟାଣ୍ଟ୍ ପରୀକ୍ଷା

ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାର ଇନ୍‌ଷ୍ଟାଣ୍ଟ୍ ପରୀକ୍ଷା ପାଇଁ ଆବେଦନ ଗତକାଲିଠାରୁ ଆରମ୍ଭ ହୋଇଛି । ଆସନ୍ତା ଜୁନ୍ ମାସ ୨୫ ଓ ୨୬ ତାରିଖରେ ଯୁକ୍ତ ଦୁଇ ଇନ୍‌ଷ୍ଟାଣ୍ଟ୍ ପରୀକ୍ଷା ଅନୁଷ୍ଠିତ ହେବ ଏବଂ ଜୁଲାଇ ମାସ ୧୫ ତାରିଖ ସୁଦ୍ଧା ଇନ୍‌ଷ୍ଟାଣ୍ଟ୍ ପରୀକ୍ଷା ଫଳ ପ୍ରକାଶ ପାଇବ । ଅନ୍ୟପକ୍ଷରେ ଆସନ୍ତାକାଲିଠାରୁ ଯୁକ୍ତ ଦୁଇ ପରୀକ୍ଷା ଦେଇଥିବା ଛାତ୍ରଛାତ୍ରୀମାନଙ୍କର ଉତ୍ତର ଖାତାର ପୁନଃ ଯାଞ୍ଚ ଆରମ୍ଭ ହେବ । ଉତ୍ତରଖାତା ପୁନଃ ମୂଲ୍ୟାୟନ ପାଇଁ ଆବେଦନ କରିଥିବା ଛାତ୍ରଛାତ୍ରୀଙ୍କୁ ଆସନ୍ତାମାସ ୫ ତାରିଖରୁ ଉତ୍ତରଖାତା ଦେବା ଆରମ୍ଭ ହେବ । ଉତ୍ତର ଖାତାର ପୁନଃ ମୂଲ୍ୟାୟନ ଫଳ ଜୁଲାଇ ମାସ ୧୫ ତାରିଖ ସୁଦ୍ଧା ଦିଆଯିବ ବୋଲି ପରିଷଦ ପକ୍ଷରୁ କୁହାଯାଇଛି ।

***Khurda***

## ଆନ୍ତର୍ଜାତୀୟ ସମବାୟ ବର୍ଷ

ଆନ୍ତର୍ଜାତୀୟ ସମବାୟ ବର୍ଷ-୨୦୨୫ର ଉଦ୍ଦେଶ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ଖୋର୍ଦ୍ଧା ରୋଡ୍ ଡିଭିଜନ୍‌ର ବିଭିନ୍ନ ରେଳଷ୍ଟେସନ୍‌ଗୁଡ଼ିକରେ ବ୍ୟାନର ଓ ପୋଷ୍ଟର ପ୍ରଦର୍ଶନୀ କରାଯାଇଛି। ସମବାୟ କ୍ଷେତ୍ର ପାଇଁ ଜନସଚେତନତା ଏବଂ ଏହାର ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଏଥିରେ ପ୍ରଦର୍ଶନ କରାଯାଇଛି। ରେଳବାଇ ଇ-

ଟିକେଟରେ ଆନ୍ତର୍ଜାତୀୟ ସମବାୟ ବର୍ଷ-୨୦୨୫ ଲୋଗୋ ମଧ୍ୟ ପ୍ରଦର୍ଶନ କରାଯାଉଛି ।

ସୂଚନାଯୋଗ୍ୟ, ନିରନ୍ତର ବିକାଶ ଲକ୍ଷ୍ୟ ହାସଲ କରିବାରେ ସମବାୟର ଭୂମିକା ଉପରେ ଧ୍ୟାନ ଦେବା ପାଇଁ ମିଳିତ ଜାତିସଂଘ ୨୦୨୫କୁ ଆନ୍ତର୍ଜାତୀୟ ସମବାୟ ବର୍ଷ ଭାବେ ଘୋଷଣା କରିଛି । ଚଳିତ ବର୍ଷର ବିଷୟବସ୍ତୁ ରହିଛି 'ସମବାୟ ଏକ ଉନ୍ନତ ବିଶ୍ୱ ନିର୍ମାଣ କରେ' ।

***Desk***

# ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଘନୀଭୂତ ହୋଇ ଅବପାତରେ ପରିଣତ ହୋଇଛି । ଏହା ଧୀରେ ଧୀରେ ଉତ୍ତର ଦିଗକୁ ଗତି କରୁଛି । ଏହାର ପ୍ରଭାବରେ ଆସନ୍ତା ଦୁଇ ଦିନ ପାଇଁ ରାଜ୍ୟ ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି । ଗଞ୍ଜାମ, ଗଜପତି, ରାୟଗଡ଼ା, ନବରଙ୍ଗପୁର, କୋରାପୁଟ, କଳାହାଣ୍ଡି, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁରରେ ବଜ୍ରପାତ ସହ ବର୍ଷା ହେବା ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।